
ଶନିବାର, ୧୪ ମାର୍ଚ୍ଚ, ୨୦୨୬

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years






୭ ଗପ

୬ କବିତା

ଜଣା ଅଜଣା ୬



# ସାଇବର ଭୂତ




ଆମେ ବ୍ୟବହାର କରୁଥିବା ମୋବାଇଲ୍ ଫୋନରେ ସାଇବର ଭୂତ ଅଛନ୍ତି, ଯେଉଁମାନେ ଖାଲିଆଖିକୁ ଦେଖା ଯାଆନ୍ତି ନାହିଁ କିନ୍ତୁ ଥରେ ସେମାନଙ୍କ କବଳରେ ପଡ଼ିଲେ ସେମାନେ ଆମକୁ ମାରିଦେବେ। ଟୁବୁନ୍‌ର ସ୍କୁଲକୁ ଥାନା ଅଧିକାରୀ ଆସି ଏହିଭଳି କଥା କହି ପିଲାଙ୍କୁ ବୁଝାଉଥିଲେ। ସ୍କୁଲରେ ସାଇବର ସଚେତନତାକୁ ନେଇ ଗୋଟିଏ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ବିଧାୟକ, ସରପଞ୍ଚ ଏବଂ ଥାନା ଅଧିକାରୀ ଅତିଥି ହୋଇ ଆସିଥିଲେ। ଲୋକମାନେ କିପରି ସାଇବର ଭୂତର ମାୟାରେ ପଡ଼ି ଠକାମିର ଶିକାର ହେଉଛନ୍ତି ସେ ବିଷୟରେ ଅତିଥିମାନେ ପିଲାମାନଙ୍କୁ ଭଲଭାବରେ ବୁଝାଇ କହୁଥିଲେ।

ଥାନା ଅଧିକାରୀ ପିଲାମାନଙ୍କୁ କହିଲେ ‘‘ଜାଣିଛ ପିଲେ, ଆମ ମୋବାଇଲ୍ ଭିତରେ ସାଇବର ଠକମାନେ ଭୂତ ହୋଇ ଲୁଚିଛନ୍ତି। ବିଭିନ୍ନ ବାଟରେ ସେମାନେ ଆମକୁ ମେସେଜ ପଠାଇ ଏବଂ ଫୋନ୍ କରି ଆମର ବ୍ୟାଙ୍କ ଖାତା ନମ୍ବର, ବ୍ୟକ୍ତିଗତ ସୂଚନା ଆଦି ନେଇଯାଉଛନ୍ତି, ଯାହାଦ୍ୱାରା ଆମ ବ୍ୟାଙ୍କ ଖାତାରୁ ସହଜରେ ଟଙ୍କା ଚୋରି ହେଉଛି।’’ ଥାନା ଅଧିକାରୀ ପିଲାମାନଙ୍କୁ ଏହି ଠକାମିରେ ନ ପଡ଼ିବା ପାଇଁ ପରାମର୍ଶ ଦେଲେ ଏବଂ କହିଲେ ‘‘ଯଦି ତୁମ ଚାରି ପାଖରେ କେହିବି କୌଣସି ଲୋକକୁ ଏମିତି ଠକିବାକୁ ଚେଷ୍ଟା କରୁଥିବ ତେବେ ତୁମେ ପୋଲିସକୁ ଜଣାଇପାରିବ, ଯାହାଦ୍ୱାରା ସାଇବର ଭୂତମାନେ ଧରାପଡ଼ିବେ।’’ ଟୁବୁନ୍ ମନଦେଇ ସବୁକଥା ଶୁଣିଲା ଏବଂ ସାଇବର ସୁରକ୍ଷା ଉପରେ ବିଭିନ୍ନ କଥା ଜାଣିଲା। ଦିନକର ଘଟଣା କଲେଜରେ ପାଠ ପଢୁଥିବା ଟୁବୁନ୍‌ର ବଡ଼ଭାଇ ଶିବୁନ୍ ଘରକୁ ଆସି ମାଆଙ୍କୁ କହିଲା ଅନଲାଇନ୍ ଖେଳ ଖେଳି ସେ ୨ଲକ୍ଷ ଟଙ୍କା ଜିତିଛି ଏବଂ ସେହି ଟଙ୍କା ପାଇବା ପାଇଁ ବ୍ୟାଙ୍କ୍ ଖାତାର ନମ୍ବର, ଆଧାରକାର୍ଡ ନମ୍ବର ଏବଂ ୫ ହଜାର ଟଙ୍କା ଆଗୁଆ ଜମା କରିବାକୁ ପଡ଼ିବ ବୋଲି ମେସେଜ ଆସିଛି। ଏକଥା ଶୁଣିବା ପରେ ମାଆ କହିଲେ ‘‘ସତରେ କ’ଣ ୫ ଲକ୍ଷ ଟଙ୍କା ମିଳିବ! ଏସବୁ ମତେ ମିଛ ବୋଲି ଲାଗୁଛି। କୋଉ ଠକ ତତେ ଠକିବା ପାଇଁ ଏମିତି କାମ କରୁଥିବ। ଶିବୁନ୍ କିନ୍ତୁ ବୁଝିଲା ନାହିଁ, ମାଆଙ୍କୁ ଜିଦ୍‌କରି ଟଙ୍କା ମାଗିଲା ଏବଂ ଘରେ ପାଟିତୁଣ୍ଡ କଲା। ଏସବୁ ଦୃଶ୍ୟ ଦେଖି ଟୁବୁନ୍, ଶିବୁନ୍ ପାଖକୁ ଯାଇ ସାଇବର ଭୂତମାନେ କିପରି ନିରୀହ ଲୋକମାନଙ୍କୁ ହଇରାଣ କରୁଛନ୍ତି ସେ କଥା ଗୋଟି ଗୋଟି କରି କହିଲା ଏବଂ ସ୍କୁଲରେ ଥାନାବାବୁ କହିଥିବା କଥାକୁ ମାନିବା ପାଇଁ ଅନୁରୋଧ କଲା, ହେଲେ ଶିବୁନ୍ ତା’ କଥାକୁ ଆଦୌ ଧ୍ୟାନ ଦେଲା ନାହିଁ। ବହୁ ଥର କହି କହି ନିରାଶ ହେଲାପରେ ଟୁବୁନ୍ ନିଷ୍ପତ୍ତି ନେଲା ଯେ ସବୁକଥା ସେ ଥାନା ଅଧିକାରୀଙ୍କୁ ଜଣାଇବ। ସଙ୍ଗେ ସଙ୍ଗେ ଫୋନ୍ କରି ଥାନାବାବୁଙ୍କୁ ସବୁକଥା କହିଲା। କିଛି ସମୟ ପରେ ଥାନା ଅଧିକାରୀ ଆସି ଟୁବୁନ୍‌ର ଘରେ ପହଞ୍ଚିଲେ ଏବଂ ଶିବୁନ୍ ସାମ୍ନାରେ ସାଇବର ଭୂତମାନଙ୍କ ଠକାମିର ସତକୁ ପ୍ରମାଣ କରି ଦେଖେଇଲେ। ଏତେବଡ଼ ଠକାମିରୁ ରକ୍ଷା ପାଇଥିବାରୁ ଶିବୁନ୍ କାନଧରି ଭୁଲ୍ ମାଗିଲା ଏବଂ ଭବିଷ୍ୟତରେ ଏହିପରି ଭୁଲ୍ ନ କରିବା ପାଇଁ ସଂକଳ୍ପ ନେଲା।

ଟୁବୁନ୍‌ର ଉପସ୍ଥିତ ବୁଦ୍ଧି ପାଇଁ ସାଇବର ଠକ ଧରାପଡ଼ିଥିବାରୁ ଥାନା ଅଧିକାରୀ ତାକୁ ପ୍ରଶଂସା କଲେ। ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ମୋବାଇଲ୍ ଇଣ୍ଟରନେଟ ଏବଂ ସାମାଜିକ ଗଣମାଧ୍ୟମରେ ସାଇବର ଭୂତମାନେ ଲୁଚି ରହି ଆମକୁ ବିଭିନ୍ନ ମାୟାଜାଲ ବିଛାଇ ଠକିବାକୁ ପ୍ରୟାସ କରୁଛନ୍ତି, ଯାହା ଫାଶରେ ଥରେ ପଡ଼ିଗଲେ ଆମେ ସହଜରେ ଖସି ପାରିବା ନାହିଁ। ତେଣୁ ବେଳ ଥାଉ ଥାଉ ଆମକୁ ସେହି ସାଇବର ଭୂତମାନଙ୍କୁ ଚିହ୍ନିବାକୁ ଏବଂ ସେମାନଙ୍କୁ ରୋକିବା ପାଇଁ ସଜାଗ ରହିବାକୁ ହେବ। ଆମେ ମନେରଖିବା ଦରକାର ଯେ ସାଇବର ସଚେତନତା ହିଁ ଆମର ନୈତିକ ଦାୟିତ୍ୱ।

**– ରାଜେଶ୍ ରାୟ**
ଜୟପୁର, କୋରାପୁଟ
ମୋ: ୬୩୭୧୫୫୫୯୪୦

## ଖିଲି ଖିଲି ହସ

ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ସମୟ ହୋଇ ଯାଇଥାଏ। ଆଉ ବେଶି ସମୟ ବଞ୍ଚିବେ ନାହିଁ ବୋଲି ଜାଣିପାରି ତାଙ୍କ ଘର ଲୋକେ ତାଙ୍କୁ କହିଲେ ଟିକେ ଭଗବାନ୍‌ଙ୍କୁ ସ୍ମରଣ କର।
ବ୍ୟକ୍ତି: ଏବେ ତ କିଛି ସମୟ ଭିତରେ ମରିଯିବି ଆଉ କାଇଁ ତାଙ୍କୁ ସ୍ମରଣ କରିବି, ଏବେ ଯାହା କଥା ହେବି ତାହା ଆମ୍ନା ସାମ୍ନା।

ଜଣେ ପଣ୍ଡିତ ପ୍ରବଚନରେ କହିଲେ – ମଣିଷ ଯିବା ସମୟରେ କିଛି ନେଇକି ଯାଆନ୍ତିନି। ଏ କଥା ନ ସରୁଣୁ ପଣ୍ଡିତଙ୍କ ନିକଟରେ ଯାହା ଜିନିଷ ଥିଲା ତାକୁ ଧରି ଅନ୍ୟ ଜଣେ ଛୁ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ରଙ୍ଗ ଦିଅ



# କ୍ଷୀର ସଙ୍ଗେ ନୁହେଁ

ପିଲାଙ୍କ ନିମନ୍ତେ କ୍ଷୀର ଅମୃତ ସମାନ ବୋଲି କୁହାଯାଏ। ଏଥିରେ କ୍ୟାଲସିୟମ୍, ପ୍ରୋଟିନ୍ ଓ ଭିଟାମିନ୍ ଆଦି ବହୁ ଉପାଦେୟ ତତ୍ତ୍ୱ ରହିଛି। ତେଣୁ ନିୟମିତ କ୍ଷୀର ପିଇବା ଫଳରେ ହାଡ ଓ ମାଂଶପେଶୀ ମଜଭୁତ ହୋଇଥାଏ। ହେଲେ ଏମିତି କିଛି ଖାଦ୍ୟ ଅଛି ଯାହାକୁ କ୍ଷୀର ସହିତ ମିଶାଇ ଖାଇଲେ ତାହା ଅନେକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ଜାଣନ୍ତୁ ଏଭଳି କିଛି ଖାଦ୍ୟ ସମ୍ପର୍କରେ...



- କ୍ଷୀର ସହିତ କୌଣସି ପ୍ରକାରର ଖଟ୍ଟା ଜିନିଷ ଯେପରିକି ଲେମ୍ବୁ, କମଳା ଓ ମୌସମ୍ବୀ ଆଦି ଖାଆନ୍ତୁ ନାହିଁ। ଏହା ଗ୍ୟାସ୍ ଓ ବଦହଜମୀ ଭଳି ସମସ୍ୟା ସୃଷ୍ଟି କରିଥାଏ।
- ଆୟୁର୍ବେଦ ଅନୁସାରେ କ୍ଷୀର ସହିତ କୌଣସି ପ୍ରକାରର ଫଳ ମଧ୍ୟ ଖାଇବା ଠିକ୍ ନୁହେଁ। ତେଣୁ ମିଲ୍କ ସେକ୍, ସ୍ମୁଥି କିମ୍ବା ଫଳଥିବା ଆଇସକ୍ରିମ୍ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ସମସ୍ୟା ଆଣିଥାଏ।
- କ୍ଷୀର ସହିତ କଦଳୀ ମିଶାଇ ଖାଇଲେ ତାହାର ଏକ ଭିନ୍ନ ସ୍ୱାଦ ଆସେ। କିନ୍ତୁ ଏହାକୁ ଏକାଠି ଖାଇବା ଫଳରେ ବଦହଜମୀ ହୋଇଥାଏ।
- ମାଛ, ମାଂସ କିମ୍ବା କୌଣସି ପ୍ରକାରର ଆମିଷ ଖାଦ୍ୟ ସହିତ ଏକ ସମୟରେ କ୍ଷୀର ଖାଇବା ଠିକ୍ ନୁହେଁ। ଏପରି କଲେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ।
- କିଛି ନିର୍ଦ୍ଦିଷ୍ଟ ପ୍ରକାରର ଆଣ୍ଟିବାୟୋଟିକ୍ ଔଷଧ ଖାଉଥିଲେ ମଧ୍ୟ କ୍ଷୀର ପିଇବା ଠିକ୍ ହେବନି। ଡାକ୍ତରଙ୍କ ପରାମର୍ଶ ନେଇ କ୍ଷୀର ପିଇବା ଦରକାର।
- କ୍ଷୀର ସହ ଲୁଣ ଓ କଞ୍ଚା ପନିପରିବା ଏକତ୍ର ଖାଇଲେ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦିଏ। ସେହିପରି କ୍ଷୀର, ଦହି, ଛେନା ଆଦି ସବୁକିଛି ଏକ ସମୟରେ ଖାଆନ୍ତୁ ନାହିଁ।

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଘଡ଼ାଘଡ଼

❖ ପକେଟ୍‌ମନି ପାଠଟି ଶିକ୍ଷଣୀୟ ହୋଇଥିଲା। ପିଲାମାନେ ତାଙ୍କୁ ଦିଆଯାଉଥିବା ପକେଟ୍‌ମନିକୁ କିଭଳି ବ୍ୟବହାର କରୁଛନ୍ତି ସେ ବିଷୟରେ ଜାଣିହେଲା।

**–ରାଜେନ୍ଦ୍ର ଭୋଳ, ଲିଙ୍କ୍‌ରୋଡ୍ , କଟକ**

❖ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ପ୍ରକାଶିତ ହୋଇଥିବା ଜ୍ୱାଳାମୁଖୀ ପାଖରେ ଅଧିକ ସମୟ ପାଠଟି ପଢ଼ି ଆଶ୍ଚର୍ଯ୍ୟ ହେଲି।

**–ବିସ୍ମୟ ରଞ୍ଜନ ମହାନ୍ତି, ରାଉରକେଲା**

ବେଳେବେଳେ କେତେକ ପିଲାଙ୍କର ସ୍ୱଭାବ ଜିଦଖୋର ହୋଇଥାଏ। ସେମାନେ ମାତାପିତା କି ଗୁରୁଜନ କାହା କଥାକୁ ଗ୍ରହଣ କରି ନ ଥାନ୍ତି। ତେବେ ପିଲାଙ୍କର ଏଭଳି ସ୍ୱଭାବ ସେମାନଙ୍କ ଭବିଷ୍ୟତକୁ ବିଗାଡି ଦେଇଥାଏ। ତେଣୁ ନିଜକୁ ସୁଧାରି ନେବାକୁ ପ୍ରୟାସ କରିବା ଜରୁରୀ ।



# ଅମାନିଆ ପିଲା

ଅଭିଭାବକଙ୍କର ପ୍ରତ୍ୟେକ କଥା ଓ ପରାମର୍ଶକୁ ଗ୍ରହଣ ନ କରିବା ଗୋଟିଏ ଖରାପ ଅଭ୍ୟାସ। ଏଭଳି ମନୋଭାବ ଥିବା ପିଲାମାନେ ପାଠପଢ଼ା ହେଉ କି ଖେଳକୁଦ ଏମିତିକି ଘରର ଛୋଟମୋଟ କାମ କରିବାକୁ କହିଲେ ବି କୌଣସି କଥାକୁ ଶୁଣି ନ ଥାନ୍ତି। ପ୍ରଥମରୁ ଏପରି ବ୍ୟବହାରକୁ ହୁଏତ କେହି କେହି ପିଲାଳିଆମୀ ଭାବିପାରନ୍ତି, ହେଲେ ଲଗାତର ଏପରି ହେଲେ ତାହା ସ୍ୱଭାବରେ ପରିଣତ ହୋଇଯାଏ ଯାହା ଭବିଷ୍ୟତରେ ଏକ ବଡ ସମସ୍ୟା ସୃଷ୍ଟି କରିପାରେ।

**କାହିଁକି ମନା କରିଥାନ୍ତି ...**

ପିଲାଙ୍କର ଏଭଳି ମନୋଭାବ ପଛରେ କିଛି କାରଣ ରହିଛି। ସେଗୁଡିକ ପ୍ରତି ଯଦି ସେମାନେ ଧ୍ୟାନ ଦିଅନ୍ତି ତେବେ ତାଙ୍କର ଏଭଳି ମାନସିକତାରେ କେତେକାଂଶରେ ପରିବର୍ତ୍ତନ ଆସିପାରିବ। ସେହି ବିଷୟଗୁଡିକ ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି।

➔ କୌଣସି କାମରେ ନିଜର ଆଗ୍ରହ ନ ରହିବା।

➔ମୋଟିଭେସନ୍ କମ୍ ଦେଖାଯିବା।

➔ରୁକ୍ଷ ବ୍ୟବହାରକୁ ସବୁବେଳେ ଅନୁସରଣ କରିବା।

➔ସ୍କ୍ରିନ୍ ଟାଇମ୍ ଯେମିତି ମୋବାଇଲ୍ ଟିଭି ଦେଖିବାର ଅଭ୍ୟାସ ଅଧିକ ସମୟ ରଖିବା ।

➔ଆତ୍ମବିଶ୍ୱାସ କମ୍ ଦେଖାଇବା।

ଯଦି ଏହି ସବୁ ଅଭ୍ୟାସ ଜାରି ରୁହେ ତେବେ ଆଗକୁ ଯାଇ ସମସ୍ୟା ଆହୁରି ବଢ଼ିଯାଇପାରେ। ଭବିଷ୍ୟତରେ ନିମ୍ନଲିଖିତ କେତେକ ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି।

➔ପିଲାମାନେ ପ୍ରତ୍ୟେକ କାମକୁ ନେଇ ନା- କରିବା ଫଳରେ ତା'ର କେତେକ ନକରାତ୍ମକ ପ୍ରଭାବ ମାନସିକ ସ୍ତରକୁ ପ୍ରଭାବିତ କରିପାରେ।

➔ପାଠପଢ଼ାରେ ରେଜଲ୍ଟ ଭଲ ହୋଇ ନ ପାରେ।



➔ ନୂଆ ପରିବେଶରେ ଏଭଳି ପିଲାଙ୍କୁ ଆଡଜଷ୍ଟ କରିବା କାଠିକର ପାଠ ହୋଇଥାଏ।

➔କ୍ୟାରିୟର ଗଢ଼ିବାରେ ସମସ୍ୟା ଦେଖାଯାଇପାରେ।

➔ମାତା-ପିତା ଓ ପିଲାଙ୍କ ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇପାରେ।

➔ଯଦି କିଏ ତୁମକୁ କୌଣସି କାମ ପାଇଁ ପ୍ରୋତ୍ସାହିତ କରୁଛନ୍ତି ତାକୁ ଗ୍ରହଣ କରିବା ପୂର୍ବରୁ ଭଲ ଭାବରେ ତର୍ଜମା କରି ପରେ କାମରେ ଲଗାଇବାକୁ ଚେଷ୍ଟା କର।

➔ପ୍ରତିଦିନ କ'ଣ କରିବେ ସେନେଇ ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ସେହି ଅନୁସାରେ ନିୟମିତ ଅଭ୍ୟାସ କରି କାମ କରନ୍ତୁ।

➔ବର୍ତ୍ତମାନର ସବୁଠୁ ବଡ ଚ୍ୟାଲେଞ୍ଜ ହେଉଛି ପିଲାଙ୍କ ପାଇଁ ସ୍କ୍ରିନ୍ ଟାଇମ୍ କମ୍ କରିବା। ମୋବାଇଲ୍ ଟିଭିଠାରୁ ନିଜକୁ ଦୂରେଇ ରଖିବା ପାଇଁ ଆତ୍ମବିଶ୍ୱାସ ଦୃଢ଼ କରନ୍ତୁ।

➔ଏମିତି କିଛି ଭଲ କାମ କରନ୍ତୁ ଯାହାକୁ ଦେଖି ଅନ୍ୟମାନଙ୍କୁ ପ୍ରେରଣା ମିଳିପାରିବ।

➔ନିଜର ଆତ୍ମସମୀକ୍ଷା ବି ଜରୁରୀ। ମୁଁ କ'ଣ କରିଛି ଆଉ କ'ଣ କରିଥିଲେ ଭଲ ହୋଇଥାନ୍ତା ଏ ବିଷୟରେ ବିଚାର କରିବା ଦରକାର।

➔ଏସବୁ ସତ୍ତ୍ୱେ ସମସ୍ତେ ଚାହାନ୍ତି ସଫଳତା। ଏଥିପାଇଁ ନିଜର ଛୋଟ ଛୋଟ ଅଭ୍ୟାସ ଉପରେ ଧ୍ୟାନ ଦେବା ଦରକାର। ଧୈର୍ଯ୍ୟ ଏବଂ ବୁଦ୍ଧିମତ୍ତାର କିପରି ବିକାଶ ଘଟିବ ସେ ବିଷୟରେ ବିଚାର କରିବାକୁ ହେବ।

➔ଯଦି ପରିସ୍ଥିତି ଗମ୍ଭୀର ହୋଇଯାଏ ତେବେ ଅଭିଭାବକଙ୍କୁ କହି ଚାଇଲ୍ଡ ସାଇକୋଲୋଜିଷ୍ଟଙ୍କର ପରାମର୍ଶ ନେଇପାରିବେ।

## ଏମାନେ କ'ଣ କରନ୍ତି...

### ମନୋଭାବକୁ ନିୟନ୍ତ୍ରଣରେ ରଖେ



କେତେକ ସମୟରେ ବିରକ୍ତି ଭାବ ସୃଷ୍ଟି ହୁଏ ଓ କାହା କଥା ଶୁଣିବାକୁ ଇଚ୍ଛା ହୁଏନି। ସେହି ସମୟରେ ମନକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରେ। ମାମା-ବାବା କ'ଣ କହୁଛନ୍ତି ତାହାର ମହତ୍ତ୍ୱକୁ ବୁଝିବାକୁ ଚେଷ୍ଟା କରେ। ବେଳେବେଳେ କେତେକ କଥା ବୋଝ ଭଳି ଲାଗେ। ହେଲେ ସେହି ସମୟରେ ମନକୁ ଶାନ୍ତ ରଖେ। ସବୁବେଳେ ଏକ ରୁଟିନ୍ ଲାଇଫ ଅନୁସରଣ କରିବାକୁ ଚେଷ୍ଟା କରେ। ଏପରି କୌଣସି ଜିନିଷକୁ ଅଧିକ ଗୁରୁତ୍ୱ ଦିଏନାହିଁ, ଯାହାଦ୍ୱାରା ମୋର ପାଠପଢ଼ା ଏବଂ ଭବିଷ୍ୟତ ପ୍ରଭାବିତ ହେବ।

*-ଆୟୁଷି ସାହୁ, କ୍ଲାସ-୯, ଆପିଜେ ବିଦ୍ୟାଳୟ, ଭୁବନେଶ୍ୱର*

### ଅଯଥା କଥାକୁ ଗୁରୁତ୍ୱ ଦିଏନା



ଅଯଥା କଥାକୁ ଗୁରୁତ୍ୱ ଦେଲେ ତାହାର ପ୍ରଭାବ ଦୈନନ୍ଦିନ ଜୀବନ ଉପରେ ପଡିଥାଏ। ସବୁବେଳେ ଏଭଳି କାମ କରେ ଯେଉଁଥିରୁ କିଛି ଶିଖିପାରିବି। କୌଣସି ଖରାପ କଥାକୁ ପ୍ରଶ୍ରୟ ଦିଏନାହିଁ। ମା-ବାପା, ଗୁରୁଜନ ମୋର ଭଲ ଚାହାନ୍ତି। ଏହି କଥା ଭାବି ତାଙ୍କ କଥା ମାନିବାକୁ ଚେଷ୍ଟା କରେ। କଥା ନ ମାନିଲେ ତାହାର ପ୍ରଭାବ ମୋ ଉପରେ ହିଁ ପଡିବ। ତେଣୁ ସତର୍କ ରହିଥାଏ।

*-ପ୍ରିୟାଂଶୁ ତ୍ରିପାଠୀ, କ୍ଲାସ-୭, ମଦର୍ସ ପବ୍ଲିକ ସ୍କୁଲ, ପୁରୀ*



୧

**ଜିଗ୍ନେଶ କୁମାର ମହାନ୍ତି**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, କଳିଙ୍ଗ ନଗର, ଭୁବନେଶ୍ୱର

୨

**ପିଏନ୍ ନନ୍ଦିଶ ସାମନ୍ତରାୟ**
କ୍ଲାସ- ୟୁକେଜି, ମାଉଣ୍ଟ ଲିଟେରା ଜି ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୩

**ଶ୍ରୀନିକା ଓମ୍ ପାଣିଗ୍ରାହୀ**
କ୍ଲାସ- ୧, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

୪

**ଆୟୁଷ ମିଶ୍ର**
କ୍ଲାସ-୧୦, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର

୫

**ସାତ୍ୱିକ କୁମାର ସାହୁ**
କ୍ଲାସ- ୩, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ପୁରୀ

୬

**ଅମୃତାଂଶୁ ଦାଶ**
କ୍ଲାସ-୬, ସରକାରୀ ୟୁ. ପି. ସ୍କୁଲ, ପାଞ୍ଚଗାଁ, କଟକ

୭


**ମହାଲକ୍ଷ୍ମୀ ମହାପାତ୍ର**
କ୍ଲାସ- ୧, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ରାଉରକେଲା

୮

**ପ୍ରତୀକ୍ଷା ନାଏକ**
କ୍ଲାସ-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ୟୁନିଟ-୩, ଭୁବନେଶ୍ୱର

୯

**ସୁଦୀପ୍ତ ସାହୁ**
କ୍ଲାସ- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଟିଗିରିଆ, କଟକ



୧


୨




୩


୮



୪


୫



୬


୭


୯

# କ ବି ତା

## ଆସିଲା ଖରା

ଫଗୁଣ ଗଲା ଚୈତ୍ର ଆସିଲା,
ମୁଣ୍ଡ ଉପରେ ଖରା ହସିଲା।
ତାତିଲାଣି ଏବେ ବାଲି ଓ ମାଟି,
କୁହୁ କୁହୁ ଡାକେ କୋଇଲିଟି।
ଗଛ ଛାଇ ତଳେ ଖେଳିବା ଆସ,
ଆମ୍ବ ବଉଳର ମିଠା ବାସ।
ଛତା ଟୋପି ସାଥେ ବାହାରି ଯିବା,
ଖରା ଦାଉରୁ ରକ୍ଷା ପାଇବା।
ତାତିରେ ଦେହରୁ ବୋହୁଛି ଝାଳ,
ସରବତ ପିଇ କାଟିବା କାଳ।
ତରଭୁଜ ଆଉ ଦହିର ପାନ,
ଦିନ ସାରା କରେ ସତେଜ ମନ।
ସଞ୍ଜ ହେଲେ ଆସେ ମୃଦୁ ପବନ,
ଖେଳିବାକୁ ଧାଏଁ ପିଲାଙ୍କ ମନ।
ରାତିରେ ଆକାଶେ ତାରାଙ୍କ ମେଳ,
ଖରା ଦିନର ଏ ନିଆରା ଖେଳ।

**– ରାଜ କିଶୋର ନାୟକ**
ଉମାହାଣ୍ଡି,ଦଶପଲ୍ଲା, ନୟାଗଡ଼
ମୋ: ୯୩୩୭୮୧୧୩୮୩

## ଆମେ ଓଡ଼ିଆ ସବୁଠୁ ବଢ଼ିଆ

ଓଡ଼ିଶାର ମାଟି ତା' ପାଣିପବନ
ରକତେ ଆମ ମିଶିଛି
ଐତିହ୍ୟ ଭାସ୍କର୍ଯ୍ୟ ମନମୁଗ୍ଧକର
ମନୁ କେବେ ନ ଲିଭୁଛି।
ମନ୍ଦିର ମାଳିନୀ ଆମ ଏ ରାଇଜ
ମନୋରମ ଚାରୁକଳା
ଯେତେ ଦେଖିଲେ ବି ନଜରହଟୁନି
ନୀତି ନୂଆ ଲାଗେ ପରା।
ଓଡ଼ିଶା ପରବ ପ୍ରଥା ପରମ୍ପରା
ବିଦେଶେ ଆଦର ପାଏ
ବାଡ଼ିଶାଗ ଆଉ ପଖାଳ ତୋରାଣି
ଆହା କି ସନ୍ତୋଷ ଦିଏ।
ଓଡ଼ିଆ ମାଆର ସ୍ନେହ ସୁଧା ହାତ
ମମତା ଭରା ତା' କଥା
ଭୁଲିଯିବା ନାହିଁ ତା' ସେବା କରିବା
ଉଚ୍ଚ ହେବ ତାର ମଥା।
ମାତୃଭାଷା ଆଉ ମାତୃଭୂମି ପାଇଁ
ସଭିଏ ଦେବା ସମୟ
ଆମେ ତ ଓଡ଼ିଆ ସବୁଠୁ ବଢିଆ
ଓଡ଼ିଶାର ସଦା ଜୟ।

***– ସମ୍ପଦ କୁମାର ବେହେରା***
*ଝାଡ଼ଲିଙ୍ଗ, ଅସ୍ତରଙ୍ଗ, ପୁରୀ*
*ମୋ: ୮୧୧୪୮୮୬୭୮୯*

## ଭଲ ପଢ଼ିବି

ଗରିବ ଘରେ ଜନମ ମୋର
ପେଟରେ ପେଟେ ଭୋକ
'ଆହା' ପଦିଏ କହିବା ପାଇଁ
ନାହାନ୍ତି କେହି ଲୋକ।
ବେଳେ ବେଳେ ମୁଁ ବିଦ୍ୟାଳୟକୁ
ବସ୍ତାନି ଧରି ଯାଏ
ବରଗଛର ଛାଇରେ ବସି
ମଧୁର ଗୀତ ଗାଏ।
ଦେଖିକି ଫଟା ପୋଷାକ ମୋର
ହସନ୍ତି ସାଙ୍ଗ ଯେତେ
ମୋ ଆଡ଼େ ଚାହିଁ ସେମାନେ ପୁଣି
ମଜା କରନ୍ତି କେତେ।
ଭାଗ୍ୟ ଆଦରି ମନ ଦେଇକି
ନିଇତି ପାଠ ପଢ଼େ
ଦୁଃଖକୁ ମୋର ସାଙ୍ଗରେ ଧରି
ସମସ୍ୟା ସହ ଲଢ଼େ।
ଭଲ ପଢ଼ିକି ରଖିବି ନାଆଁ
ସାହା ମୋ ଭଗବାନ
ଜମାରୁ କେବେ ହେବିନି ଦୁଷ୍ଟ
କହୁଛି ଧରି କାନ।

***– ଜୟନ୍ତ କୁମାର ମଲ୍ଲିକ୍***
*ଶୁରଡିହ, ଦଶରଥପୁର, ଯାଜପୁର*
*ମୋ: ୯୪୩୭୮୬୫୭୨୭*

## ପଖାଳ ଦିବସ

ମାର୍ଚ୍ଚ କୋଡିଏରେ ପଖାଳ ଦିବସ
ଆସୁଛି ସଭିଙ୍କୁ ଜଣା
ଆସ କୁନା ମୁନା ମନାଇବା ତା'କୁ
ନ କରିବା କିଛି ଊଣା।
ପଖାଳରେ ଅଛି ବହୁ ଜୈବସାର
ଜଳୀୟଅଂଶ ବହୁତ
ଆଗ୍ରହରେ ତାକୁ କରିଲେ ଭୋଜନ
ଦେହ ପାଇଁ ସିଏ ହିତ।
ପଖାଳ ତୋରାଣି ଦେହ ଥଣ୍ଡା ରଖେ
ନଥାଏ ଖରାକୁ ଡର
ସେ ପରା ଔଷଧ ଅଂଶୁଘାତ ପାଇଁ
ନକରିବ ତାକୁ ପର।
ଦହି ଅଦା ଲଙ୍କା ମିଶିଲେ ତୋରାଣି
ବାସୁଥାଏ ମହମହ
ଶାଗ ବଡିଚୂରା ଚୂନାମାଛ ଭଜା
ବଢାଏ ପଖାଳ ମୋହ।
ସମୟକୁ ଦେଖି ପଖାଳ ଖାଇଲେ
ସବଳ ରୁହଇ ଦେହ
ରୋଗ ପ୍ରତିରୋଧ ଶକତି ବଢଇ
ନରୁହେ ପରାଣେ ଭୟ।

***– ରାମଚନ୍ଦ୍ର ବେହେରା***
*ତେନ୍ତୁଳିପଦା, ଜଗତ୍‌ସିଂହପୁର*
*ମୋ: ୭୩୫୫୬୭୩୫୩୪୬*

## ଏଥରର

- ରୋମିଓ ଆଣ୍ଡ ଜୁଲିଏଟ୍‌ର ଲେଖକ ?
- ଲୁହାର ରାସାୟନିକ ପ୍ରତୀକ କ'ଣ ?
- 'ହାରି ପୋଟର'ର ଲେଖକ ?
- ମଧ୍ୟରାତ୍ରିର ସୂର୍ଯ୍ୟର ଦେଶ କାହାକୁ କହନ୍ତି ?
- ଚନ୍ଦ୍ରରେ ପାଦ ରଖିଥିବା ପ୍ରଥମ ବ୍ୟକ୍ତି ?



## ଉତ୍ତର

### ଗତଥରର

- ୨୦୦୭
- ଓ (O)
- ରାଇଟ୍ ବ୍ରଦର୍ସ (ଅରଭିଲ୍ ରାଇଟ୍ ଓ ୱିଲବର ରାଇଟ୍)
- ନ୍ୟୁୟର୍କ ସିଟି
- ବେଜିଂ



## କହିଲ ଦେଖି

ମୁଖ୍ୟ ଅଙ୍ଗଟିଏ ଆମରି ସିଏ
ତାହାରି ପାଇଁ ସବୁ ଦେଖି ହୁଏ
ତା' ବିହୁନେରେ ଲୋକ ଅନ୍ଧ ହୁଏ
ଦୁଇ ପତା ତଳେ ସେ ରହିଥାଏ
କହିକି ପାରିବ ତା' ନାଁ କିଏ ?



**ଉତ୍ତର: ଆଖି/ ନୟନ**

ମୁଣ୍ଡ ଦୁଇ ପାଖେ ରହିଛି ସିଏ
ତା'ରି ପାଇଁ ଶବଦ ଶୁଣି ହୁଏ
ତା' ବିହୁନେ ଲୋକ ହୁଅଇ କାଲା
ଅଳଙ୍କାର ପିନ୍ଧେ ସେଠି ମହିଳା
କୁହ କେ' କହିବ ତା' ନାଆଁ ଭଲା ?



**ଉତ୍ତର: କାନ/ କର୍ଣ୍ଣ**

ଧାଡ଼ି ଧାଡ଼ି ହୋଇ ରହିଥାଏରେ
ଧଳା ରଙ୍ଗେ ଆମ ପାଟି ଭିତରେ
ଚୋବାଇ ଖାଉଁ ଖାଦ୍ୟ ତା' ପାଇଁରେ
ତା'ରି ବିହୁନେ ପାକୁଆ ଆମେରେ
କହିକି ପାରିବ ତା' ନାଁ କିଏରେ ?



**ଉତ୍ତର: ଦାନ୍ତ/ ଦନ୍ତ**

ମୁଖ ମଣ୍ଡଳେ ସେ ରହିଥାଏରେ
ତା' ଭିତରେ ଦୁଇ ଫୋଡ଼ା ଥାଏରେ
ନିଃଶ୍ୱାସ ପ୍ରଶ୍ୱାସ ଚାଲେ ସେଥିରେ
ଗନ୍ଧ ବାସ ଜାଣୁ ତାହା ପାଇଁରେ
କହିକି ପାରିବ ତା' ନାଁ କିଏରେ ?



**ଉତ୍ତର: ନାକ/ ନାସା**


**– କ୍ଷମାନିଧି ଭୋଇ** ,ନୂଆପଡ଼ା, ମୋ: ୯୪୩୮୨୯୨୯୩୩

### ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

## ଗାଈ ପୋଷାକରେ

ଗୋଟିଏ ସ୍ଥାନରେ ଶହ ଶହ ସଂଖ୍ୟାରେ ଲୋକ ଛିଡା ହୋଇଥିବେ। କିନ୍ତୁ ଦୂରରୁ ଦେଖିଲେ ମନେ ହେବ ଗାଈଗୋରୁ ଛିଡା ହୋଇଛନ୍ତି। କଥାଟା ଶୁଣିଲେ ଅଜବ ମନେ ହୋଇପାରେ। ହେଲେ ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ଅଷ୍ଟ୍ରେଲିଆ କାଓଆରାମପ୍‌ର ଡେଜା-ମୋ କାଉଣ୍ଟ୍ରୀ ମେଳାରେ। ଲୋକମାନେ ଗାଈ ଭଳି ଦେଖାଯିବା ପାଇଁ ସ୍ୱତନ୍ତ୍ର ଧରଣର ପୋଷାକ ତିଆରି କରି ପିନ୍ଧିଥିଲେ। ୨୦୧୪ ଜୁଲାଇ ୧୨ ତାରିଖରେ ଏଭଳି ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସେହିଦିନ ଏଭଳି ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ମୋଟ ୧,୩୫୨ ଜଣ ଏକାଠି ହୋଇ ଗାଈ ଭଳି ପୋଷାକ ପିନ୍ଧି ରୁଣ୍ଡ ହୋଇଥିଲେ। ତେବେ ସବୁଠୁ ଅଧିକ ସଂଖ୍ୟାରେ ଲୋକ ଏଭଳି ଗାଈ ବେଶରେ ରହିଥିବାରୁ ତାହା ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ଏତେ ବର୍ଷ ପରେ ବି ଏହି ରେକର୍ଡକୁ ଆଜିପର୍ଯ୍ୟନ୍ତ କେହି ଭାଙ୍ଗିପାରି ନାହାନ୍ତି। ଅବଶ୍ୟ ଏହା ପୂର୍ବରୁ ଆମେରିକାରେ ଏଭଳି ଏକ ମେଳା ଅନୁଷ୍ଠିତ ହୋଇଥିଲା। କିନ୍ତୁ ସେଠାରେ ୪୭୦ ଜଣ ଲୋକ ଏଭଳି ବେଶ ହୋଇଥିଲେ। ତେଣୁ ୨୦୧୪ରେ ଅଷ୍ଟ୍ରେଲିଆର କାଓଆରାମପ୍ ମେଳା ସେହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କରିଥିଲା, ଯାହା ଆଜିପର୍ଯ୍ୟନ୍ତ ରହିଛି।





# ଶାକାହାରୀ ସହର


**ଏ**ଠାରେ ଆମେ କୌଣସି ଦେଶ ବିଷୟରେ କହୁନୁ । ଏହା ଆମ ଦେଶ ମଧ୍ୟରେ ଥିବା ଏକ ଅଜବ ସହର ଯେଉଁଠି ମାଛ , ମାଂସ ଏବଂ ଅଣ୍ଡା ବିକ୍ରି ଉପରେ ପ୍ରତିବନ୍ଧ ରହିଛି । ଏହି ସ୍ଥାନଟି ଗୁଜରାଟ ଭାବନଗର ଜିଲାର ପାଲିତାନା ସହର । ଯଦି ଏଠାରେ ଭୁଲ୍‌ରେ ବି କିଏ ଆମିଷ ଖାଆନ୍ତି କିମ୍ବା ବିକ୍ରି କରନ୍ତି ତେବେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଏ । ଉକ୍ତ ସ୍ଥାନକୁ ଧାର୍ମିକ ଦୃଷ୍ଟିକୋଣରୁ ସରକାରୀ ଆଦେଶ ଅନୁଯାୟୀ ଶାକାହାରୀ ସହର ଘୋଷିତ କରାଯାଇଛି । ଏହି ସହରର ସୀମା ଭିତରେ ନନ୍‌ଭେଜ୍ ସହ ଜଡିତ କୌଣସି ବ୍ୟବସାୟିକ କାର୍ଯ୍ୟ କରିବାକୁ ଅନୁମତି ନାହିଁ। ୨୦୧୪ରେ ୨୦୦ରୁ ଅଧିକ ଜୈନ ସନ୍ଥମାନେ ଏଠାରେ ହେଉଥିବା ପଶୁ ବଧ ଏବଂ ମାଂସ ବିକ୍ରିକୁ ବିରୋଧ କରୁଥିଲେ, ଏଥିପାଇଁ ସେମାନେ ମଧ୍ୟ ଅନଶନ କରିଥିଲେ । ସେମାନଙ୍କର କହିବାର ଥିଲା ଯେ ଏହି ସହରଟି ଜୈନ ଧର୍ମର ପ୍ରମୁଖ ତୀର୍ଥ ସ୍ଥଳ । ଏଠାରେ ଅହିଂସା ସିଦ୍ଧାନ୍ତର ପାଳନ ହେବା ଆବଶ୍ୟକ । ଉକ୍ତ ଆନ୍ଦୋଳନ ପରେ ଗୁଜରାଟ ସରକାର ସହରର ସୀମା ଭିତରେ ପଶୁ ବଧ ମାଂସ ବିକ୍ରି ଆଦିକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିଥିଲେ ।



# ପାଞ୍ଚ ବର୍ଷରେ ଆତ୍ମନିର୍ଭରଶୀଳ

**କେ**ବେ କଳ୍ପନା କରିଛନ୍ତି ପାଞ୍ଚବର୍ଷର ପିଲା କେବେ ଏକୁଟିଆ ପୁଣି ସ୍କୁଲସାଥୀଙ୍କ ସହ ମେଟ୍ରୋ ଟ୍ରେନ୍‌ରେ ଯିବାଆସିବା କରିପାରିବ । ଏଭଳି ଦୃଶ୍ୟ ଜାପାନରେ ଦେଖିବାକୁ ମିଳିଥାଏ । ସେଠାରେ ପିଲାମାନେ ମାତ୍ର ୫ ବର୍ଷ ବୟସରୁ ଯେପରି ନିଜ କାମ ନିଜେ କରିପାରିବେ ସେ ନେଇ କେବଳ ସ୍କୁଲ ନୁହେଁ ଘରେ ମଧ୍ୟ ସେମାନଙ୍କୁ ଶିଖାଯାଏ । ଏହାବ୍ୟତୀତ ଭିଡ ସ୍ଥାନରେ କିଭଳି ସୁରକ୍ଷିତ ଭାବରେ ଆତଯାତ କରିପାରିବେ ସେ ନେଇ ମଧ୍ୟ ସେମାନେ ସତର୍କ ରହିଥାଆନ୍ତି । ଏହି ଦେଶର ଛୋଟ ଛୋଟ ପିଲାମାନେ ଏତେ ଚତୁର ଆଉ ସେମାନଙ୍କର ଆତ୍ମବିଶ୍ୱାସ ଏତେ ଦୃଢ଼ ଯେ ସ୍କୁଲ ବ୍ୟାଗ୍‌କୁ ପିଠିରେ ପକାଇ ସେମାନେ ରେଳ ଷ୍ଟେଶନରେ ଶିଡ଼ି ଚଢ଼ିଥାଆନ୍ତି । ତା' ସହ ଟ୍ରେନ ବଦଳ କରି ନିଜ ସ୍କୁଲ୍‌ରେ ପହଞ୍ଚି ଯାଆନ୍ତି । କିନ୍ତୁ ଆମ ଦେଶ ହେଉ କି ଅନ୍ୟ କୌଣସି ପାଶ୍ଚାତ୍ୟ ଦେଶରେ ଏହା ଦେଖିବାକୁ ମିଳି ନ ଥାଏ । କିନ୍ତୁ ଜାପାନରେ ଏହା ପ୍ରତ୍ୟେକ ସକାଳର ଏକ ସାଧାରଣ କଥା । ଏଠାରେ ଷ୍ଟାଣ୍ଡାର୍ଡ ୱାନ୍‌ର ପିଲା ଏକୁଟିଆ ଚାଲି ଚାଲି ବସ୍, ମେଟ୍ରୋରେ ସ୍କୁଲ ଯିବା ନୂଆ କଥା ନୁହେଁ । ସବୁଠାରୁ ମଜାଦାର କଥା ହେଲା– ଏହି ବୟସର ପିଲାମାନଙ୍କର ଏକ ଗ୍ରୁପ୍ ରହିଛି, ଯାହାର ନାମ ହେଲା 'ହାନ୍' । ଜଣେ ବଡ ପିଲା (ଦଶ ବର୍ଷ) ଏହି ଗ୍ରୁପ୍‌ର ଗାଇଡ୍ ଭାବରେ ରହିଥାଆନ୍ତି ।






# ଯେଉଁଠି ରବିବାର କାମ କରିବା ଅପରାଧ...

**ବି**ଶ୍ୱରେ ଏମିତି ଏକ ଦେଶ ରହିଛି ଯେଉଁଠି ରବିବାର କାମ କରିବା ଅପରାଧ । ଏଠାରେ ନିୟମ ଏତେ କଠୋର ଯେ ଯଦି ଏଠାକାର ସରକାରଙ୍କ କଥା ନ ମାନିଲେ ତେବେ ଜେଲ୍ ଯିବାକୁ ପଡିବ କିମ୍ବା ଜରିମନା ଦେବାକୁ ପଡିବ । ପ୍ରଶାନ୍ତ ମହାସାଗରର ଦକ୍ଷିଣ ଭାଗରେ ଅବସ୍ଥିତ ଏକ ଛୋଟ ଦ୍ୱୀପ ଟୋଙ୍ଗା । ଏହାକୁ ମଧ୍ୟ ଦେଶର ମାନ୍ୟତା ଦିଆଯାଇଛି । ଏହି ଦେଶ ନିଜର ଖାସ୍ ଧାର୍ମିକ ଏବଂ ସାମାଜିକ ନିୟମ ଲାଗି ବେଶ୍ ପରିଚିତ । ଏଠାକାର ସମ୍ବିଧାନରେ ଉଲ୍ଲେଖ ରହିଛି ଯେ ରବିବାର ଏକ ପବିତ୍ର ଦିନ । ଯଦି କୌଣସି ବ୍ୟକ୍ତି ବ୍ୟବସାୟିକ କାର୍ଯ୍ୟ, ଅଫିସ୍ ଆଦି କାମରେ ନିଜକୁ ନିୟୋଜିତ କରନ୍ତି ଏବଂ କୌଣସି କାରଣ ବଶତଃ ଏସବୁ କରୁଥିବାର ଧରାପଡନ୍ତି ତେବେ ଏହାକୁ ଦେଶର ନିୟମ ଉଲଂଘନ ବୋଲି ଧରାଯିବ । ଦେଶର ଶାସକ ଏବଂ ପ୍ରଶାସନିକ ଅଧିକାରୀମାନେ ଜନସାଧାରଣଙ୍କୁ ରବିବାର କାମ ନ କରି କୌଣସି ଧାର୍ମିକ ଚିନ୍ତାଧାରାରେ ଭାଗ ନେବାକୁ ଅନୁରୋଧ କରିଥାନ୍ତି । ଏଠାରେ ଅଧିକାଂଶ ଲୋକ ଇସାଇ ଧର୍ମର । ରବିବାର ଦିନ ବିଶ୍ରାମ ଏବଂ ପ୍ରାର୍ଥନା କରିବା ଏହି ଧର୍ମର ପରମ୍ପରା ।

# ଆ ଇ ନା



ହର୍ଷିତା ସାହୁ
୪ ବର୍ଷ, ଢେଙ୍କାନାଳ



ଶ୍ରୀୟା ଦାସ
୧୩ବର୍ଷ, ଭୁବନେଶ୍ୱର